## ବେକରେ ଦଉଡ଼ି ଦେଇ ମହିଳାଙ୍କ ଆତ୍ମହତ୍ୟା

ନାକଟିଦେଉଳ,(ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ବୁରୁବୁଡ଼ା ଗ୍ରାମରେ ବୁଧବାର ଜଣେ ବିବାହିତା ମହିଳା ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସୁରେନ୍ଦ୍ର ନାଏକଙ୍କ ସ୍ତ୍ରୀ ପ୍ରେମଶୀଳା ନାଏକ(୩୩)। ତାଙ୍କର ୨ଟି ସନ୍ତାନ ଥିବା ଜଣାପଡ଼ିଛି। ପାରିବାରିକ ଗଣ୍ଡଗୋଳରୁ ପ୍ରେମଶୀଳା ଏପରି କରିଥିବା ଅନୁମାନ କରାଯାଉଛି। ତେବେ ରାତ୍ର ୯ଟା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

**ସଂକ୍ଷେପରେ**

## ବାଇକ୍ ସହ ଗଞ୍ଜେଇ ଜବତ, ୨ଗିରଫ

**ସୁନ୍ଦରଗଡ,୨୧।୪ (ଡି.ଏନ୍.ଏ):** ସୁନ୍ଦରଗଡ ଟାଉନ ଥାନା ପୋଲିସ ଚୋରା ଚାଲାଣ ହେଉଥିବା ୫କେଜି ୪୦୦ଗ୍ରାମ ଓଜନର ଗଞ୍ଜେଇ ସହ ଏକ ବାଇକ୍‌କୁ ଜବତ କରିଛି। ଏଥିରେ ୨ଜଣଙ୍କୁ ଗିରଫ କରିବା ସହ ୨ଟି ମୋବାଇଲଫୋନ୍ ମଧ୍ୟ ଜବତ କରିଛି।

## ସୋସିଆଲ ଷ୍ଟାର କ୍ଲବରେ ଅକ୍ସିଜେନ୍ ବ୍ୟାଙ୍କ୍ ଉଦ୍‌ଘାଟିତ

**ସମ୍ବଲପୁର,୨୧।୪ (ବ୍ୟୁରୋ):** ସୋସିଆଲ ଷ୍ଟାର କ୍ଲବଠାରେ ବୁଧବାର ଅକ୍ସିଜେନ୍ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ସମ୍ପ୍ରତି ଜିଲାରେ କରୋନା ସଂକ୍ରମଣ ବଢୁଥିବାରୁ ଅକ୍ସିଜେନ୍‌ର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କ୍ ପରିକଳ୍ପନା କରାଯାଇଛି ବୋଲି ଆତିଫ୍ ଆଲାମ୍ ସୂଚନା ଦେଇଛନ୍ତି। ପୂର୍ବରୁ କ୍ଲବରେ ୪୦ଟି ଅକ୍ସିଜେନ୍ ସିଲିଣ୍ଡର ରହିଛି। ବୁଧବାର ପ୍ରକୃତି ବନ୍ଧୁ ସୁବ୍ରତ ନାଥ ଓ ଇଂ. ଅଶୋକ ଜଲାନ ଗୋଟିଏ ଲେଖାଏ ଅକ୍ସିଜେନ୍ ସିଲିଣ୍ଡର ପ୍ରଦାନ କରିଛନ୍ତି।

## ଦୋକାନ ସିଲ୍ କଲା ପୋଲିସ

**ସମ୍ବଲପୁର,୨୧।୪(ବ୍ୟୁରୋ):** ସମ୍ବଲପୁର ଜିଲାରେ କରୋନା ସଂକ୍ରମଣ ବୃଦ୍ଧିକୁ ନେଇ ପୋଲିସ ଯାଞ୍ଚ କଡାକଡି କରିଛି। ବୁଧବାର ଅଇଁଠାପାଲି ଥାନା ପୋଲିସ ଏସ୍‌ଆର୍‌ଆଇଟି କଲୋନୀସ୍ଥିତ ତିରୁପତି ନାମକ ଦୋକାନକୁ ସିଲ୍ କରାଯାଇଥିବା ଥାନା ଅଧିକାରୀ ଯୋଗେଶ ପଣ୍ଡା ସୂଚନା ଦେଇଛନ୍ତି। ଦୋକାନରେ ସାମାଜିକ ଦୂରତା ରକ୍ଷା କରାଯାଉ ନ ଥିବାବେଳେ ଲୋକେ ମାସ୍କ ପରିଧାନ କରି ନ ଥିବା ଚଢାଉ ସମୟରେ ଦେଖିବାକୁ ମିଳିଥିଲା। ନାଇଟ୍ କର୍ଫ୍ୟୁ ସମୟରେ ମଧ ଦୋକାନ ଖୋଲାଯାଇଥିବା ଯୋଗୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ସେହିପରି କ୍ଷେତରାଜପୁର ଥାନା ବେହେରା ମୁଣ୍ଡା ଅଞ୍ଚଳର ଏକ ଗ୍ରୋସେରି ଦୋକାନକୁ ପୋଲିସ ସିଲ୍ କରିଦେଇଛି। ସେଠାରେ ମଧ କରୋନା କଟକଣା ପାଳନ ହେଉ ନ ଥିବା ପୋଲିସ ଦେଖିବାକୁ ପାଇଥିଲା।

## ରାଜଗାଙ୍ଗପୁରର ୪ ପଞ୍ଚାୟତ ଶଟ୍‌ଡାଉନ୍

**ରାଜଗାଙ୍ଗପୁର, ୨୧।୪ (ଡି.ଏନ.ଏ):** କରୋନା ମହାମାରୀର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ କାଂଶବାହାଲ ନିକଟସ୍ଥ ୪ଟି ପଞ୍ଚାୟତକୁ ସଟ୍‌ଡାଉନ କରିବା ପାଇଁ ସରପଞ୍ଚମାନେ ବୁଧବାର ଲିଖିତ ଭାବେ ଘୋଷଣା କରିଛନ୍ତି। ଲାଇଙ୍ଗ ସରପଞ୍ଚ ନରସିଂହ ମିଞ୍ଜ ଓ ଚୁଙ୍ଗିମାଟି ସରପଞ୍ଚ ଅଞ୍ଜଳି ଏକ୍କାଙ୍କ ଘୋଷଣା ଅନୁଯାୟୀ ୨୨ ତାରିଖ ସକାଳ ୬ଟାରୁ ଆସନ୍ତା ୨୬ ତାରିଖ ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ସଟଡାଉନ ଜାରି ରହିବ । ଢ଼େଲୁଆ ସରପଞ୍ଚ ଏତୁଆ ଏକ୍କାଙ୍କ ଘୋଷଣା ଅନୁଯାୟୀ ୨୨ ତାରିଖ ଦିନ ୧୨ଟାରୁ ଶୁକ୍ରବାର ସକାଳ ୬ଟା ପର୍ଯ୍ୟନ୍ତ ଓ ପାନପୋଷ ପଞ୍ଚାୟତ ସରପଞ୍ଚ ଜାମା ବେକଙ୍କ ଘୋଷଣା ଅନୁଯାୟୀ ୨୨ ତାରିଖ ମଧାହ୍ନ ୧୨ଟାରୁ ଶନିବାର ସକାଳ ୬ଟା ପର୍ଯ୍ୟନ୍ତ ଏହି ସଟଡାଉନ ଜାରି ରହିବ। କେବଳ ଅତ୍ୟାବଶ୍ୟକ ସ୍ଥଳେ ଘରୁ ବାହାରିବା ପାଇଁ ଅନୁରୋଧ କରିଛନ୍ତି।

## ପୂର୍ବତନ ନଗରପାଳ ତଥା ବରିଷ୍ଠ କଂଗ୍ରେସ ନେତାଙ୍କ ପରଲୋକ

**ରାଜଗାଙ୍ଗପୁର, ୨୧।୪ (ଡି.ଏନ.ଏ.):** ରାଜଗାଙ୍ଗପୁର ସହରର ଚିରପରିଚିତ



ବରିଷ୍ଠ ନାଗରିକ, ସମାଜସେବୀ, ପୂର୍ବତନ କଂଗ୍ରେସ ସହର ସଭାପତି ତଥା ପୂର୍ବତନ ରାଜଗାଙ୍ଗପୁର ନଗରପାଳ ମଇଉଦ୍ଦିନ ଅହମ୍ମଦଙ୍କ ବୁଧବାର ୯୧ ବର୍ଷ ବୟସରେ ପରଲୋକ ହୋଇଛି। ସେ ଜଣେ ଉଦାରତା ସମ୍ପନ୍ନ ଓ ପରୋପକାରୀ ବ୍ୟକ୍ତିଥିଲେ। ନଗରପାଳ ଥିବା ସମୟରେ ସହରର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି। ରାଜଗାଙ୍ଗପୁରରେ କୋର୍ଟ ଖୋଲିବା ପାଇଁ ତାଙ୍କର ଅବଦାନ ସ୍ମରଣୀୟ ହୋଇରହିବ। ସେ ତାଙ୍କ ଜୀବନକାଳରେ ୧୫ ବର୍ଷ ଧରି ସହରର କଂଗ୍ରେସ ସଭାପତି ରହିଥିଲେ। ୧୯୮୪ ରୁ ୧୯୯୦ ପର୍ଯ୍ୟନ୍ତ ନଗରପାଳ ଦାୟୀତ୍ୱରେ ଥିଲେ। ତାଙ୍କର ଶେଷଦର୍ଶନ ପାଇଁ ଏ ଅଞ୍ଚଳର ବହୁବ୍ୟକ୍ତି ବିଶେଷ ତଥା ରାଜଗାଙ୍ଗପୁର ବିଧାୟକ ଡା. ସି.ଏସ ରାଜନ ଏକ୍କା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି ।

# ଟେଲି କନ୍‌ସଲଟେସନ୍ ସେବା ‘ଇ-ସଞ୍ଜୀବନୀ’

**ସୁନ୍ଦରଗଡ଼, ୨୧।୪ (ଡି.ଏନ୍.ଏ.)**



ଇ-ସଞ୍ଜୀବନୀ କାର୍ଯ୍ୟକ୍ରମ ମାଧ୍ୟମରେ ବିଶେଷଜ୍ଞଙ୍କ ସହିତ ରୋଗୀ ପରାମର୍ଶ କରୁଛନ୍ତି।

**ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ରୋଗୀମାନେ ପାଇପାରିବେ ବିଶେଷଜ୍ଞଙ୍କ ପରାମର୍ଶ**

କୋଭିଡ୍ ସମୟରେ ରୋଗୀମାନେ ଦୂର ଦୂରାନ୍ତକୁ ନ ଯାଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ରହି ଭିଡିଓ କନଫରେନ୍ସିଂ ମାଧ୍ୟମରେ ବିଶେଷଜ୍ଞ ଡାକ୍ତରମାନଙ୍କଠାରୁ ଚିକିତ୍ସା ପରାମର୍ଶ ପାଇ ପାରିବେ। ସୁନ୍ଦରଗଡ଼ ଜିଲାରେ ଏହି ‘ଇ-ସଞ୍ଜୀବନୀ’ ସେବା ମାଧ୍ୟମରେ ରୋଗୀମାନେ ବିଶେଷ ଉପକୃତ ହେଉଛନ୍ତି। କୋଭିଡ୍ ପରିସ୍ଥିତିକୁ ନଜରରେ ରଖି ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବିଭିନ୍ନ ରୋଗର ଚିକିତ୍ସା ବେଳେ ରୋଗୀମାନଙ୍କୁ ଅନେକ ସମୟରେ ବଡ଼ ଡାକ୍ତରଖାନା ଯାଇ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ନେବାକୁ ପଡ଼ିଥାଏ। ତେବେ ଲୋକଙ୍କୁ କୋଭିଡ୍ ସଂକ୍ରମଣରୁ ଦୂରେଇ ରଖିବା ପାଇଁ ଏବେ ‘ଇ-ସଞ୍ଜୀବନୀ’ ସେବା ଆରମ୍ଭ କରାଯାଇଛି। ଏହା ଫଳରେ ଜଣେ ରୋଗୀ ନିଜ ଘର ପାଖରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ଯାଇ ସେଠାରେ ଟେଲି କନସଲଟେନେସନ ସେବା ମାଧ୍ୟମରେ ଜିଲାର ପ୍ରମୁଖ ଡାକ୍ତରଖାନାରେ ଥିବା ବିଶେଷଜ୍ଞଙ୍କ ସହ ପରାମର୍ଶ କରିପାରୁଛନ୍ତି। ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍), ରାଉରକେଲା ସରକାରୀ ହସ୍ପିଟାଲ (ଆର୍‌ଜିଏଚ୍), ରାଉରକେଲା ଅତିରିକ୍ତ ଜିଲା ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର (ଏଡିୟୁପିଏଚ୍‌ସି) ସହିତ କୁଆଁରମୁଣ୍ଡା, ବଡ଼ଗାଁ, ସର୍ଗିପାଲି, ମଝାପଡ଼ା, ବିରକେରା, ମଙ୍ଗସପୁର ଏବଂ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ଇ-ସଞ୍ଜିବନୀ ସେବାର ସବ୍-ହବ୍ କରାଯାଇଛି। ଏହି ସବୁ ସ୍ଥାନ ସହ ନିକଟବର୍ତ୍ତୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଗୁଡ଼ିକୁ ଇଣ୍ଟରନେଟ ମାଧ୍ୟମରେ ଯୋଡ଼ା ଯାଇଛି। ଫଳରେ ରୋଗୀମାନେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ରହି ଉପରସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ବିଶେଷଜ୍ଞ ଡାକ୍ତରଙ୍କ ସହ ସିଧାସଳଖ ପରାମର୍ଶ କରିପାରୁଛନ୍ତି। ସେହିପରି ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜକୁ ଟେଲି କନସଲଟେସନ ସେବା ଲାଗି ମୁଖ୍ୟ ହବ୍ ଭାବେ ନିଆଯାଇଛି। ତେଣୁ ଆବଶ୍ୟକ ସ୍ଥଳେ ସୁନ୍ଦରଗଡ଼ ଜିଲାର ରୋଗୀମାନଙ୍କୁ ବୁର୍ଲାରେ ଥିବା ବିଶେଷଜ୍ଞଙ୍କ ସହ ‘ଇ-ସଞ୍ଜିବନୀ’ ସେବାରେ ଯୋଡ଼ି ଚିକିତ୍ସା ପରାମର୍ଶ ଦିଆଯାଉଛି।

ଇ-ସଞ୍ଜିବନୀ ବ୍ୟବସ୍ଥା ଫଳରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭିଡ଼ ନିୟନ୍ତ୍ରଣ ହୋଇପାରିଛି। ରୋଗୀମାନେ ମଧ ସୁବିଧାରେ ବିଶେଷଜ୍ଞମାନଙ୍କ ପରାମର୍ଶ ନେଇ ଚିକିତ୍ସା ପାଇପାରୁଛନ୍ତି। ରୋଗୀମାନେ ନିରାମୟ କେନ୍ଦ୍ରରୁ ମାଗଣାରେ ଔଷଧ ମଧ ପାଉଛନ୍ତି ବୋଲି କହିଛନ୍ତି ଡିଏମ୍‌ଓ ତଥା ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ। ବର୍ତ୍ତମାନ ଇ-ସଞ୍ଜିବନୀ ଜରିଆରେ ରୋଗୀଙ୍କୁ ମେଡିସିନ, ଶିଶୁରୋଗ ଏବଂ ସ୍ତ୍ରୀ ଓ ପ୍ରସୂତି ରୋଗ ସମ୍ବନ୍ଧୀୟ ପରାମର୍ଶ ଦିଆଯାଉଛି। ସପ୍ତାହରେ ତିନି ଦିନ ଏହି ସେବା ମିଳୁଛି। ସୋମବାର ମେଡିସିନ ବିଶେଷଜ୍ଞ, ବୁଧବାର ଶିଶୁ ରୋଗ ବିଶେଷଜ୍ଞ ଓ ଶୁକ୍ରବାର ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଉପସ୍ଥିତ ରହି ରୋଗୀମାନଙ୍କୁ ପରାମର୍ଶ ଦେଉଛନ୍ତି। ‘ଇ-ସଞ୍ଜିବନୀ’ ସେବା ଫଳରେ ବିଶେଷଜ୍ଞମାନେ ଦୂରରେ ରହି ମଧ ରୋଗୀଙ୍କ ସମସ୍ୟା ବୁଝି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଉଛନ୍ତି। ଏହି ସେବା କରୋନା କାଳରେ ରୋଗୀମାନଙ୍କ ପାଇଁ ସୁବିଧାଜନକ ହୋଇଛି। ଏହି ସେବା ପାଇଁ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରକୁ କମ୍ପ୍ୟୁଟର, ୱେବ କ୍ୟାମେରା, ମାଇକ୍ରୋଫୋନ ସହ ସ୍ପିକର ଏବଂ ପ୍ରିଣ୍ଟର ଆଦି ଯୋଗାଇ ଦିଆଯାଇଛି। ସ୍ଥାନୀୟ ଡାକ୍ତରଙ୍କୁ ଏହି ଟେଲି ପରାମର୍ଶ ସେବାର ନୋଡାଲ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି।

# ଜିଲାପାଳ କ୍ଷମତା ଦେଖାଇଲେ ସରପଞ୍ଚ



ସମ୍ବଲପୁର ଜିଲା ଚିପିଲିମାରେ ଶଟ୍‌ଡାଉନ।

**ସମ୍ବଲପୁର, ୨୧।୪ (ବ୍ୟୁରୋ)**

**■କର୍ଡୋଲା ପଞ୍ଚାୟତର ୨ ଗ୍ରାମ ଶଟ୍‌ଡାଉନ**
**■ଯୁଯୁମୁରା ସାପ୍ତାହିକ ହାଟ ବନ୍ଦ ନିର୍ଦ୍ଦେଶ**

ସମ୍ବଲପୁର ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧିକୁ ନେଇ ପ୍ରଶାସନ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ବେଳେ ସରପଞ୍ଚମାନଙ୍କୁ ମଧ ଏଥିପାଇଁ କ୍ଷମତା ଦିଆଯାଇଛି। ଏହି କ୍ଷମତା ବଳରେ ଧନକଉଡା ବ୍ଲକ କର୍ଡୋଲା ପଞ୍ଚାୟତ ସରପଞ୍ଚ ଦୁଇଟି ଗ୍ରାମକୁ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସେଗୁଡ଼ିକ ହେଲା ଚାରପାଲି ଓ ଚିପିଲିମା। ଗ୍ରାମରେ ଥିବା ଗ୍ରୋସେରି ଓ ଔଷଧ ଦୋକାନ ଭଳି ଅତ୍ୟାବଶ୍ୟକ ସାମଗ୍ରୀକୁ ବାଦ୍ ଦିଆଯାଇଛି। ଶଟ୍‌ଡାଉନ ଅବଧି ଏପ୍ରିଲ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ରହିଛି। ସରପଞ୍ଚ ବିଶ୍ୱବନ୍ଧ୍ୟା ବଡ଼େଇ କହିଛନ୍ତି, ଚାରପାଲି ଓ ଚିପିଲିମା ଅଞ୍ଚଳରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ୍‌ରେ ପ୍ରାୟ ୫ଜଣଙ୍କ ମୃତ୍ୟୁ ଘଟିଲାଣି। ପଞ୍ଚାୟତବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏହାର ନକଲ ବିଡିଓ, ଜିଲାପାଳ ଓ ପୋଲିସକୁ ଦିଆଯାଇଛି। ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ କରାଯିବା ପାଇଁ ଅନୁରୋଧ କରାଯାଇଛି। ସେହିପରି ଯୁଯୁମୁରା ପଞ୍ଚାୟତ ସରପଞ୍ଚ ମଧ କରୋନା ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଯୁଯୁମୁରା ଗ୍ରାମରେ ପ୍ରତି ଗୁରୁବାର ସାପ୍ତାହିକ ହାଟ ବସିଥାଏ। ଆସନ୍ତା ୨୨ ଓ ୨୯ ତାରିଖ ଦୁଇଟି ଗୁରୁବାର ସାପ୍ତାହିକ ହାଟ ବନ୍ଦ ଘୋଷଣା କରିଛନ୍ତି। ନିୟମ ନ ମାନିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଲ୍ଲେଖ ରହିଛି।

# ସଂକ୍ରମଣ ସଂଖ୍ୟା ୧୨,୩୨୨ରେ ପହଞ୍ଚିଲା

**ସମ୍ବଲପୁର, ୨୧।୪(ବ୍ୟୁରୋ)**

**କୁମ୍ଭମେଳା ଫେରନ୍ତାଙ୍କୁ ନେଇ ଚିନ୍ତା**
**■ପଞ୍ଜୀକୃତ କଲେ ଦୁଇ ପ୍ରବାସୀ**

ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ରିପୋର୍ଟ ଅନୁସାରେ ବୁଧବାର ୧୭୧ ଜଣ କୋଭିଡ୍ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୧୨,୩୨୨ରେ ପହଞ୍ଚିଛି। ଏଥିମଧ୍ୟରୁ ୧୦,୬୪୩ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୧୫୯୯ଜଣ କୋଭିଡ୍ ମେଡିକାଲ ଓ ହୋମ୍ ଆଇସୋଲେଶନ୍‌ରେ ଚିକିତ୍ସାଧୀନ ଅଛନ୍ତି। ୮୦ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ୨ ଜଣ ପ୍ରବାସୀ ହରିଦ୍ୱାରରୁ ସମ୍ବଲପୁର ଫେରିଛନ୍ତି। ସେମାନେ ପଞ୍ଜୀକରଣ କେନ୍ଦ୍ରରେ ନାମ ଓ ଠିକଣା ଲେଖାଇ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଘରକୁ ଫେରିଛନ୍ତି। ଅନ୍ୟପଟେ କୁମ୍ଭମେଳା ବନ୍ଦ ହେବା ପରେ ଏବେ ଶ୍ରଦ୍ଧାଳୁ ଘରକୁ ଫେରୁଛନ୍ତି। ଏମାନଙ୍କୁ ନେଇ ପ୍ରଶାସନ ଚିନ୍ତାରେ ରହିଛି। ସମ୍ବଲପୁର ଜିଲାରୁ ୭ ଜଣ କୁମ୍ଭମେଳାକୁ ଯାଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେମାନେ ଏ ପର୍ଯ୍ୟନ୍ତ ସମ୍ବଲପୁରରେ ପହଞ୍ଚି ନ ଥିବା ଜଣାପଡିଛି। ପ୍ରଶାସନ ପକ୍ଷରୁ ସେମାନଙ୍କ ନାମ ତାଲିକା କରାଯାଇଛି। ସମ୍ବଲପୁରରେ ପହଞ୍ଚିଲେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ରାଜ୍ୟ ସରକାର କୁମ୍ଭମେଳା ଫେରନ୍ତାଙ୍କ ପାଇଁ ଯାହା ନିୟମ କରିଛନ୍ତି ତାହାକୁ ପାଳନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## ବିଏମ୍‌ଏସ୍‌ର କାର୍ଯ୍ୟକର୍ତ୍ତା ରମେଶ ନାୟକଙ୍କ ପରଲୋକ

**ରାଉରକେଲା ଅଫିସ, ୨୧।୪**

ବୁଧବାର ସକାଳ ପ୍ରାୟ ୯ଟାରେ ବିଏମ୍‌ଏସ୍‌ର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା ରମେଶ ଚନ୍ଦ୍ର ନାୟକ (୫୫)ଙ୍କ ଅକାଳ ମୃତ୍ୟୁ ହୋଇଛି। ସେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଗତ ଏପ୍ରିଲ ୧୪ରେ ଆଇଜିଏଚ୍‌ରେ ଚିକିତ୍ସିତ ହେଉଥିଲେ।



ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଛି । ସେ ଆର୍‌ଏସ୍‌ପି ଟ୍ରାଫିକ ଆଣ୍ଡ ରାମେଟେରିଆଲ ବିଭାଗରେ କାର୍ଯ୍ୟରତ ଥିଲେ। ସେ ଜଣେ ଅମାୟୀକ ଓ ମେଳାପି ବ୍ୟକ୍ତି ଥିଲେ। ତାଙ୍କର ସରଳ ବ୍ୟବହାର ଏବଂ ସ୍ପଷ୍ଟବାଦିତା ଯୋଗୁ ସେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କର ଅତି ପ୍ରିୟ ଥିଲେ। ତାଙ୍କର ଏପରି ଅକାଳ ଦୁଃଖଦ ଦେହାନ୍ତରେ ସଙ୍ଗଠନର ସମସ୍ତ କାର୍ଯ୍ୟକର୍ତ୍ତା ମର୍ମାହତ, ସଙ୍ଗଠନ ତାଙ୍କ ପରି ଜଣେ ସକ୍ରିୟ, କର୍ମଠ କାର୍ଯ୍ୟକର୍ତ୍ତା ହରାଇଲା। ତାଙ୍କ ଦୁଃଖଦ ଦେହାନ୍ତରେ ସଙ୍ଗଠନ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯିବା ସହିତ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ତାଙ୍କର ଅକାଳ ମୃତ୍ୟୁରେ ସଙ୍ଗଠନର ସଭାପତି ହିମାଂଶୁ ବଳ ଘୋର ଦୁଃଖ ପ୍ରକାଶ କରିଛନ୍ତି। ରମେଶ ନାୟକଙ୍କ ମାଆ ଗତ ତିନି ଦିନ ପୂର୍ବରୁ କୋଭିଡରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଜଣେ ଝିଅ ଓ ପୁଅ ଅଛନ୍ତି । ଆରଏସ୍‌ପିରେ କୋଭିଡ ଆକ୍ରାନ୍ତରେ ଏହା ୪ର୍ଥ ମୃତ୍ୟୁ।

# ୧୦ ଗ୍ରାମ ନିଷିଦ୍ଧାଞ୍ଚଳ ଘୋଷିତ

**ଦେବଗଡ଼, ୨୧।୪ (ଡି.ଏନ୍.ଏ.)**

**ଦେବଗଡ଼ ଜିଲାରେ ବଢ଼ିଚାଲିଛି କରୋନା ସଂକ୍ରମିତଙ୍କ ସଂଖ୍ୟା**

ଦେବଗଡ଼ ଜିଲାରେ କରୋନା ଦ୍ୱିତୀୟ ଲହର ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କୋଭିଡ ନିୟନ୍ତ୍ରଣ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିଲେ ମଧ ଜନସାଧାରଣଙ୍କ ମଧ୍ୟରେ ସଚେତନତାର ଅଭାବ ଯୋଗୁ ଜିଲାରେ କରୋନା ସଂକ୍ରମଣ କମିବାର ନାଁ ନେଉ ନାହିଁ। ଏଣୁ କରୋନା ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଦେବଗଡ଼ ଜିଲା ପ୍ରଶାସନ ପକ୍ଷରୁ ଜିଲାର ତିଲେଇବଣି, ରିଆମାଳ ଓ ବାରକୋଟ ବ୍ଲକର ୧୦ଟି ଗ୍ରାମକୁ ନିଷିଦ୍ଧାଞ୍ଚଳ ତଥା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଦେବଗଡ଼ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ ତିଲେଇବଣି ବ୍ଲକ ଅନ୍ତର୍ଗତ ସୁଗୁଡା, ଖଣ୍ଡିଆପାଲି, ନିକ୍ତିମାଲ, ସଡୋ, ବରଘାଟ ଓ ହେଟଖମାର, ରିଆମାଳ ବ୍ଲକର କୁମାଳ ଗଣ୍ଡସାହି ଏବଂ ବାରକୋଟ ବ୍ଲକର ବୁଢିବାହାଲ, ବସାଲଇ ଓ କାଳକାଠ ଗ୍ରାମକୁ ନିଷିଦ୍ଧାଞ୍ଚଳ ତଥା ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଥିବା ଜଣାପଡିଛି।

# ଗୁରୁଣ୍ଡିଆ ଅଞ୍ଚଳରେ ସଂକ୍ରମଣ ବୃଦ୍ଧି

**ବଣାଇ,୨୧।୪**

ବଣାଇ ଉପଖଣ୍ଡର ଗୁରୁଣ୍ଡିଆ ଅଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଉଥିବା ନେଇ ଉଦବେଗ ପ୍ରକାଶ ପାଇଛି। ଗୋଟିଏ ଦିନରେ ୨୬ ଜଣ କରୋନା ପଜିଟିଭ ଚିହ୍ନଟ ପରେ ସ୍ଥିତି ଗମ୍ଭୀର ଜଣାପଡ଼ିଛି। ବୁଧବାର ଗୋଟିଏ ଦିନରେ ୨୬ ଜଣଙ୍କ ପଜିଟିଭ ରିପୋର୍ଟ ଆସିଛି । ତାମଡା ଗ୍ରାମରେ ୧୭ ଜଣ ଗୁରୁଣ୍ଡିଆ ମାର୍କେଟରୁ ୪ ଓ ଧୂମାପତଳା ୫ ଜଣ ସଂକ୍ରମିତ ହୋଇଛନ୍ତି। ସମସ୍ତଙ୍କୁ ହୋମ ଆଇସୋଲେଶନରେ ରହିବାକୁ ପରାମର୍ଶ ଦେବା ସହ ସ୍ୱାସ୍ଥ୍ୟ ବିଭାଗ ପ୍ରାଥମିକ ଔଷଧ କିଟ ପ୍ରଦାନ କରିଛନ୍ତି । ତାମଡା ସରପଞ୍ଚ ୩ ଦିନ ସଟଡାଉନ ଘୋଷଣା କରିଛନ୍ତି । ଗୁରୁଣ୍ଡିଆ ଅଞ୍ଚଳରେ ହେଉଥିବା ସାପ୍ତାହିକ ହାଟ ସଂକ୍ରମଣ ବଢ଼ିବାର ପ୍ରମୁଖ କାରଣ ବୋଲି କୁହାଯାଉଛି । ସାମାଜିକ ଦୂରତା କେବଳ ପୋଲିସ ଓ ପ୍ରଶାସନ ଠାରୁ ବଞ୍ଚିବା ପାଇଁ ପାଳନ ହେଉଥିବା ବେଳେ ହାଟ ଓ ବିଭିନ୍ନ ସରକାରୀ କାର୍ଯ୍ୟାଳୟମାନଙ୍କରେ ସେତିକି କଡାକଡି ଅନୁପାଳନ ନ କରିବା ଯୋଗୁ ଦିନକୁ ଦିନ ସଂକ୍ରମଣ ବଢିବାରେ ଲାଗିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

# ସିଭିଲ କୋର୍ଟକୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ସୁନ୍ଦରଗଡ଼, ୨୧।୪ (ଡି.ଏନ୍.ଏ)**

ସୁନ୍ଦରଗଡ଼ ଜିଲାରେ ଗତ ୨୪ଘଣ୍ଟା ମଧ୍ୟରେ ପୁଣି ୫୧୬ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। କରୋନା ସଂକ୍ରମଣକୁ ଆଖି ଆଗରେ ରଖି ସୁନ୍ଦରଗଡ ସିଭିଲ କୋର୍ଟକୁ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ୍ ଭାବେ ଘୋଷଣା କରାଯାଇଛି। ସିଭିଲ କୋର୍ଟରେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଓଡିଶା କୋଭିଡ -୧୯ ନିୟମାବଳୀ -୨୦୨୦ ଅନୁଯାୟୀ ବୁଧବାର ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋଭିଡ କଟକଣା ନିୟମ ଉଲ୍ଲଂଘନ ଅଭିଯୋଗରେ ସୁନ୍ଦରଗଡ ସହରର ଶଙ୍କରାରେ ଥିବା ରିଲାଏନ୍ସ ସୁପର ମାର୍କେଟ ସପିଂ ମଲ୍‌କୁ ୨ଦିନ ପାଇଁ ସିଲ୍ କରାଯିବା ସହ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଛି ପୌର ପ୍ରଶାସନ। ପୌର ନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ସାହା ବୁଧବାର ପୋଲିସ ଏନଫୋର୍ସମେଣ୍ଟ ଟିମ୍ ଉପସ୍ଥିତିରେ ଏହି ମାର୍ଟକୁ ସିଲ୍ କରିଛନ୍ତି। ବାରମ୍ବାର ପ୍ରଶାସନର ସଚେତନତା ସତ୍ତ୍ୱେ କୋଭିଡ କଟକଣା ନିୟମକୁ ଉଲ୍ଲଂଘନ କରି ମାର୍ଟ ମାଲିକ ବ୍ୟବସାୟିକ କାରବାର ଚଳାଇଥିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ବଣାଇଁଠାରେ ଥିବା ନିୟମ ପ୍ରଶିକ୍ଷଣ କେନ୍ଦ୍ର ଅବକାରୀ କାର୍ଯ୍ୟାଳୟ ସମେତ ଜଗନ୍ନାଥପୁର ବସ୍ତିକୁ ବଣାଇଁ ଉପଖଣ୍ଡ ପ୍ରଶାସନ ପକ୍ଷରୁ ଉପଜିଲାପାଳ ପ୍ରଦୀପ ଡାଙ୍ଗ ସମ୍ପୃକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରିଛନ୍ତି ।

# ନିଡେଫେଁରେ କବିତା ସଂକଳନ ଉନ୍ମୋଚିତ

**ସମ୍ବଲପୁର, ୨୧।୪ (ବ୍ୟୁରୋ)**



କବିତା ସଂକଳନ ଉନ୍ମୋଚନ କରାଯାଉଛି ।

ନିଡେଫେରେ କବିତା ସଂକଳନ ବୁଧବାର ସିଦ୍ଧେଶ୍ୱରୀ ଧର୍ମସଂସଦ ସଭାକକ୍ଷରେ ଉନ୍ମୋଚିତ ହୋଇଯାଇଛି। ଗୋପୀନାଥ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଶଶାଙ୍କ ଶେଖର ନନ୍ଦ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ବରିଷ୍ଠ ଖବରଦାତା ହେମନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କବିତା ସଂକଳନ ବିଷୟରେ ଆଲୋକପାତ କରିଥିଲେ। କବିତା ସଂକଳନ ରଚୟିତା ନଳିନୀପ୍ରଭା ଦାସ ସୂଚନା ଦେଇଥିଲେ।

# ମାଟିକାନ୍ଥ ପଡ଼ି ଜଣେ ମୃତ, ଦୁଇ ଗୁରୁତର

**ଲହୁଣୀପଡା, ୨୧।୪ (ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ କଟୁପଡା ଗ୍ରାମରେ ମାଟି କାନ୍ଥପଡ଼ି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇ ଜଣ ଗୁରୁତର ହୋଇଛନ୍ତି। ମଙ୍ଗଳବାର ଅପରାହ୍ନରେ ପୁରୁଣା ଘରର ମାଟିକାନ୍ଥ ଭାଙ୍ଗୁଥିବାବେଳେ ତିନି ଜଣଙ୍କ ଉପରେ ପଡ଼ିଯାଇଥିଲା। ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। କଟୁପଡା ଗ୍ରାମର ବୃନ୍ଦାବନ ମାହାନ୍ତ (୫୨) ମଙ୍ଗଳବାର ଅପରାହ୍ନରେ ନିଜ ପୁରୁଣା ମାଟି ଘରର କାନ୍ଥକୁ ଦୁଇ ଜଣ ଶ୍ରମିକ ସହିତ ଭାଙ୍ଗୁଥିଲେ। ମାଟିକାନ୍ଥ ଉକ୍ତ ତିନି ଜଣଙ୍କ ଉପରେ ଧସି ପଡିଥିଲା। ଫଳରେ ତିନି ଜଣ ଯାକ ଗୁରୁତର ଆହତ ହୋଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ଚିକିତ୍ସା ପାଇଁ ଲହୁଣୀପଡା ଡାକ୍ତରଖାନାକୁ ଅଣାଯାଇଥିଲେ ମଧ ପ୍ରାଥମିକ ଚିକିତ୍ସା କରି ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇ ଦେଇଥିଲେ। ଚିକିତ୍ସାଧିନ ଅବସ୍ଥାରେ ରାତି ପ୍ରାୟ ୮ଟା ବେଳେ ବୃନ୍ଦାବନ ମାହାନ୍ତଙ୍କ ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଦୁଇ ଜଣ ଶ୍ରମିକ ଏବେ ମଧ ଚିକିତ୍ସାଧିନ ଥିବା ଜଣାପଡିଛି। ବୁଧବାର ସନ୍ଧ୍ୟାରେ ନିଜ ଗ୍ରାମ କଟୁପଡାରେ ବୃନ୍ଦାବନ ମାହାନ୍ତଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।



ମାଟିଘର କାନ୍ଥ ଭୁଶୁଡ଼ି ପଡ଼ିଛି।

# ସେଲ୍‌ରେ ୨୪ ଘଣ୍ଟିଆ ଧର୍ମଘଟ ପାଇଁ ଏଚ୍‌ଏମ୍‌ଏସ୍‌ର ନୋଟିସ

**ରାଉରକେଲା ଅଫିସ, ୨୧।୪**



ଏଚ୍‌ଏମ୍‌ଏସ୍ ପକ୍ଷରୁ ନୋଟିସ୍ ପ୍ରଦାନ କରାଯାଉଛି।

୨୦ଏପ୍ରିଲରେ ରାଷ୍ଟ୍ରାୟତ୍ତ ଇସ୍ପାତ ଉଦ୍ୟୋଗ ସେଲ୍ ଓ ଆର୍‌ଆଇଏନ୍‌ଏଲ୍‌ରେ କାର୍ଯ୍ୟରତ ହିନ୍ଦ ମଜଦୁର ସଭା ସହବନ୍ଧିତ ସମସ୍ତ ଶ୍ରମ ସଙ୍ଗଠନମାନଙ୍କ ଦ୍ୱାରା ଆସନ୍ତା ମେ ୬ ରେ ସମଗ୍ର ସେଲ ଓ ଆର୍‌ଆଇଏନଏଲରେ ୨୪ ଘଣ୍ଟିଆ ଧର୍ମଘଟ ପାଳନ କରିବା ନେଇ ନୋଟିସ ଜାରି କରାଯାଇଛି। ଏଥିନେଇ ରାଉରକେଲା ମଜଦୁର ସଭାର କର୍ମକର୍ତ୍ତା ଓ କର୍ମୀ ସକାଳ ୮ରେ ସ୍ଥାନୀୟ ବିଶ୍ରା ଛକଠାରେ ମିଳିତ ହୋଇ ମେ ୬ ଧର୍ମଘଟକୁ ସଫଳ କରିବା ପାଇଁ ଇସ୍ପାତ ଶ୍ରମିକ କର୍ମଚାରୀମାନଙ୍କୁ ସଚେତନ କରାଇଥିଲେ। ସକାଳ ୯ ଟାରେ ୟୁନିୟନର ସଭାପତି ପ୍ରଭାକର ଚମ୍ପତିରାଏ, ସାଧାରଣ ସମ୍ପାଦକ ଶଶଧର ନାୟକ ଓ ଉପସାଧାରଣ ସମ୍ପାଦକ ଖଗେନ୍ଦ୍ର ବେହେରା ରାଉରକେଲା ଇସ୍ପାତ କାରଖାନାର ପ୍ରଶାସନିକ ଭବନକୁ ଯାଇ କୋଭିଡ ନିୟମ ପାଳନ ପୂର୍ବକ କାରଖାନାର ମୁଖ୍ୟ ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଧର୍ମଘଟ ନୋଟିସ କାର୍ମିକ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ରାଜନ ମିଶ୍ରଙ୍କୁ ଶିଳ୍ପ ସମ୍ପର୍କ ବିଭାଗର ମହାପ୍ରବନ୍ଧକ ଡ. ପି.କେ ସାହୁଙ୍କ ଉପସ୍ଥିତିରେ ପ୍ରଦାନ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ଦିନ ୧୧ଟାରେ ଧର୍ମଘଟ ନୋଟିସର ନକଲ ସ୍ଥାନୀୟ ଶ୍ରମ କମିଶନର (କେନ୍ଦ୍ରୀୟ ), ଯୁଗ୍ମ ଶ୍ରମ କମିଶନର, ସୁନ୍ଦରଗଡ ଜିଲାପାଳ, ରାଉରକେଲାର ଅତିରିକ୍ତ ଜିଲାପାଳ, ରାଉରକେଲା ପୋଲିସ ଅଧୀକ୍ଷକ ଓ ଅନ୍ୟ ସମ୍ପୃକ୍ତ ଅଧିକାରୀଙ୍କୁ ଦିଆଯାଇଥିଲା। ଏଥିନେଇ କର୍ମକର୍ତ୍ତା ଡି.ଏନ ଆଚାର୍ଯ୍ୟ, କଳାକାର ସାହୁ, ବିକାଶ ହାଲଦାର, ପ୍ରମୋଦ ଦାସ, ପତିତପାବନ ଜେନା, ଯୁଧିଷ୍ଠିର ସାହୁ, ନିରଞ୍ଜନ ସାମଲ, ପ୍ରଶାନ୍ତ ତରାଇ ଓ ଅନ୍ୟମାନେ ସହଯୋଗ କରିଥିଲେ। ସାତ ଦଫା ଦାବି ସମ୍ବଳିତ ଏହି ଧର୍ମଘଟ ନୋଟିସରେ ଇସ୍ପାତ ଶିଳ୍ପରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀ ପାଇଁ ତୁରନ୍ତ ମଜୁରି ଚୁକ୍ତିନାମା ଓ ସର୍ବନିମ୍ନ ୧୫ % ଏମ ଜି ବି, ୩୫ % ଭେରିଏବ୍ଲ ଫ୍ରିଜ୍ ପ୍ରଦାନ କରିବା, ପୂର୍ଣ୍ଣ ବକେୟା ରାଶି ପ୍ରଦାନ, ପେନସନ ସ୍କିମରେ କମ୍ପାନୀ ଅଂଶଦାନ ୯ % କୁ ବୃଦ୍ଧି କରିବା, ଗ୍ରାଚ୍ୟୁଟି ପ୍ରଦାନ ନେଇ କଟକଣା ଲାଗୁ ନ କରିବା, ଠିକା ଶ୍ରମିକଙ୍କ ମଜୁରି ବୃଦ୍ଧିକୁନେଇ ସମଗ୍ର ସେଲରେ ଏକକ ମଜୁରୀ ବ୍ୟବସ୍ଥା ଓ ସେଲ/ଆର୍‌ଆଇଏନଏଲର ଘରୋଇକରଣ ନେଇ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ବନ୍ଦ କରିବା ନିମନ୍ତେ ଦାବି କରାଯାଇଛି । ଏଥି ସହିତ ୟୁନିଅନ ପକ୍ଷରୁ ବରସୁଆଁ ଓ ତାଳଡିହି ଲୌହ ଖଣି ଅଞ୍ଚଳରେ ସେହି ଦିନ ଧର୍ମଘଟ ପାଳନ କରିବା ନେଇ ସମ୍ପୃକ୍ତ ମୁଖ୍ୟ ମହାପ୍ରବନ୍ଧକ ପି.କେ ରଥଙ୍କୁ ୟୁନିୟନର ଉପସଭାପତି ପୀତବାସ ସେଠୀ ଓ ସମ୍ପାଦକ ରାଜେଶ ବେହେରା, କେ.ସି ରାଉତ, ନରେଶ ନାୟକ ନୋଟିସ ପ୍ରଦାନ କରିଥିଲେ। ବୃହତ୍ତର ସାର୍ଥ ଦୃଷ୍ଟିରୁ ମେ ୬ ଧର୍ମଘଟକୁ ସଫଳ କରିବା ପାଇଁ ଇସ୍ପାତ ଶ୍ରମିକ କର୍ମଚାରୀ ଓ ଠିକା ଶ୍ରମିକ ବିପୁଳ ସମର୍ଥନ କରିବା ପାଇଁ ରାଉରକେଲା ମଜଦୁର ସଭା ଆହ୍ୱାନ କରିଛି।

**ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ**

ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜା ପଞ୍ଚାୟତ ଦଲ୍ଲୀପାଲି ଗାଁର ବିରଞ୍ଚି ସାହୁ(୬୦)ଙ୍କୁ ଏକ ହାତୀ ଦଳି ମାରି ଦେଇଥିଲା । ଖବର ପାଇ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୃତକଙ୍କ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଥିଲେ । କିପରି ଶୀଘ୍ର ସରକାରୀ ସହାୟତା ମିଳିବ ସେ ନେଇ ଡିଏଫଓଙ୍କ ସହ ଆଲୋଚନା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହାବାଦ ଉକ୍ତ ହାତୀ ବଲାଙ୍ଗୀର,ବରଗଡ ଓ ସୁବର୍ଣ୍ଣପୁର ଜିଲାରେ ଧନଜୀବନ ହାନି ଘଟାଉଥିବାରୁ ତାକୁ କାବୁ କରିବା ପାଇ ଡିଏଫଙ୍କ ସହ ଆଲୋଚନା କରିଥିବା କହିଥିଲେ ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ବାଉଁଶୁଣୀ,୨୧।୪ (ଡି.ଏନ.ଏ):** ମଙ୍ଗଳବାର ରାତିରେ ୫୭ ନଂ ଜାତୀୟ ରାଜପଥର ଗଜରାଜପୁର ଗ୍ରାମ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପ୍ରଦୀପ ଭୁକ୍ତା (୨୮)। ମନୁପାଲି ପଞ୍ଚାୟତ ଜମଟାଙ୍ଗୀ ଗ୍ରାମର ପ୍ରଦୀପ ଏକ ବାଇକ୍ (ନଂ ଓଡି ୨୭ ବି- ୦୮୪୬) ଯୋଗେ ରାତି ପ୍ରାୟ ୧୧ଟାରେ କୌଣସି କାମରେ ନିଜ ଶ୍ୱଶୁର ଘର ରେଙ୍ଗାଲି ଗ୍ରାମକୁ ଆସୁଥିଲେ । ଏହି ସମୟରେ ବାଉଁଶୁଣୀ ଥାନା ଗଜରାଜପୁର ଗ୍ରାମ ନିକଟରେ କୌଣସି ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରଦୀପଙ୍କ ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ପୋଲିସ ବାଇକ୍‌କୁ ଜବତ କରିଛି ।

### ତାଲା ଭାଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି

**ବେହେରା, ୨୧।୪ (ଡି.ଏନ.ଏ.):** ଧର୍ମଗଡ ବ୍ଲକ କଦଳୀମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରୁ ଗତ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପଞ୍ଚାୟତ ପିଅନ ହରେକୃଷ୍ଣ ବୋଡକିଆ ଚୋରି ହୋଇଥିବା ସମ୍ପର୍କରେ ଜାଣିବା ପରେ ମଙ୍ଗଳବାର ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ କଳ୍ପନା ବୋଡକିଆ ଏ ସମ୍ପର୍କରେ ଧର୍ମଗଡ ପୋଲିସରେ ଅଭିଯୋଗ କରିଥିଲେ। ଧର୍ମଗଡ ପୋଲିସର ଦୁଇଜଣିଆ ଟିମ୍ ପହଞ୍ଚି ପଞ୍ଚାୟତ ଅଫିସ ଯାଞ୍ଚ କରିଥିଲେ। ୪ଟି ସିଲିଂ ପଙ୍ଖା ସହ ତିନୋଟି ଏଲଇଡି ବଲ୍‌ବ ଚୋରି ହୋଇଥିବା ଯାଞ୍ଚରୁ ଜଣାପଡ଼ିଥିଲା। କାର୍ଯ୍ୟାଳୟର ଅନ୍ୟ ସାମଗ୍ରୀ ଛାଡି କେବଳ ପଙ୍ଖା ଓ ବଲ୍‌ବ ନେଇଥିବାରୁ ସ୍ଥାନୀୟ କେହି ଦୁର୍ବୃତ୍ତ ଏହି ଚୋରି ଘଟଣାରେ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି ଓ ଏହାର ତଦନ୍ତ ଜାରି ରଖିଛି।

### ଅଚେତ ଅବସ୍ଥାରେ ରାସ୍ତାକଡ଼ରୁ ନାବାଳିକା ଉଦ୍ଧାର

**ବ୍ଲେଡ୍‌ରେ ହାତ କାଟି ଆତ୍ମହତ୍ୟା ଉଦ୍ୟମ**

**ବୌଦ୍ଧ/ବାଉଁଶୁଣୀ,୨୧।୪(ସ୍ୱ.ପ୍ର./ ଡି.ଏନ.ଏ.):** ବୌଦ୍ଧ ଥାନା ଅନ୍ତର୍ଗତ ମୁଣ୍ଡାପଡା ପଞ୍ଚାୟତର ବାରପୁଡୁଗ ତରଭା ରାସ୍ତାରୁ ପୋଲିସ ମଙ୍ଗଳବାର ସନ୍ଧ୍ୟାରେ ଜଣେ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ନାବାଳିକାଙ୍କ ହାତର ଶିରା ବ୍ଲେଡରେ କଟା ଯାଇଥିବା ଦେଖିବାକୁ ମିଳିଛି । ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଏହି କାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ପୋଲିସ ସୂଚନା ମୁତାବକ ନାବାଳିକାଙ୍କ ଘର ବୌଦ୍ଧ ବ୍ଲକ ମୁଣ୍ଡାପଡାରେ ହୋଇଥିବା ବେଳେ ସେ ତାଙ୍କ ମାମୁଁଘର ଧୁରମାଲରେ ରହି ଆସୁଥିଲେ। ମଙ୍ଗଳବାର କୌଣସି କାରଣକୁ ନେଇ ନାବାଳିକାଙ୍କ ମାମୁ ତାଙ୍କୁ ଗାଳି ଦେଇଥିଲେ। ନାବାଳିକା ଜଣକ ଘରୁ କୁଆଡେ ଚାଲି ଯାଇଥିଲେ। ଦୀର୍ଘ ସମୟ ଧରି ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟାରେ ଧୁରମାଲ ନିକଟ ରାସ୍ତାରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜଣେ ଯୁବତୀ ଅଚେତ ଅବସ୍ଥାରେ ପଡିଥିବା ସୂଚନା ପାଇ ବୌଦ୍ଧ ପୋଲିସ ଓ ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ନାବାଳିକା ଜଣକ ନିଜେ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା କୁହାଯାଉଛି । ସେ ଏବେ ଚିକିତ୍ସାଧୀନ ଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ତପସ୍ୱିନୀ କହଁର ପ୍ରକାଶ କରିଛନ୍ତି ।

### ୩ ବଖରା ଭସ୍ମୀଭୂତ

**ବାଉଁଶୁଣୀ, ୨୧।୪ (ଡି.ଏନ.ଏ.):** ବୁଧବାର ଅପରାହ୍ନ ପ୍ରାୟ ୨ଟା ସମୟରେ ବୌଦ୍ଧ ବ୍ଲକ ପଦ୍ମନପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦାମୋଦରପୁର ଦଳିତ ସାହିରେ ଅଗ୍ନିକାଣ୍ଡ ଘଟି ଦୁଇ ପରିବାରର ୩ ବଖରା ଭସ୍ମୀଭୂତ ହୋଇଯାଇଛି । ଦଳିତ ସାହିର ରଙ୍ଗି ସିଂ ଓ ହେମନ୍ତ ସିଂ ଅଗ୍ନିକାଣ୍ଡରେ ସର୍ବସ୍ୱାନ୍ତ ହୋଇ ପଡିଛନ୍ତି । ଖବର ପାଇ ବୌଦ୍ଧ ଦମକଳବାହିନୀ ପହଞ୍ଚିବା ବେଳକୁ ସମସ୍ତ ଆସବାବପତ୍ର ପୋଡି ଯାଇଥିଲା। ଅଗ୍ନିବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି ।

# କୋଭିଡ୍, ମାଓବାଦୀ ସ୍ଥିତିର ସମୀକ୍ଷା

**ବଲାଙ୍ଗୀର ଅଫିସ/ ନୂଆପଡ଼ା ଅଫିସ/ଭବାନୀପାଟଣା, ୨୧।୪ (ଡି.ଏନ.ଏ.)**




ପୋଲିସ ମହାନିର୍ଦ୍ଦେଶକ ଅଭୟ ଛତିଶଗଡ ସୀମାନ୍ତ ନୂଆପଡ଼ା ଜିଲା ଖରିଆର ରୋଡ ସୀମାନ୍ତ ଚେକ୍ ପୋଷ୍ଟରେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

**ଡିଜିପିଙ୍କ ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଗସ୍ତ**
- ଚେକ୍‌ପୋଷ୍ଟ ତଦାରଖ, ସୀମା ଅନୁଧ୍ୟାନ
- ମାଓବାଦୀ ମିଲିଶିଆ ମୁଖ୍ୟସ୍ରୋତକୁ ଫେରିବାକୁ ଆହ୍ୱାନ

ଓଡିଶା ପୋଲିସ ମହାନିର୍ଦ୍ଦେଶକ ଅଭୟ ବୁଧବାର ବଲାଙ୍ଗୀର, ନୂଆପଡା ଓ କଳାହାଣ୍ଡି ଜିଲା ଗସ୍ତରେ ଆସି କୋଭିଡ ସଂକ୍ରମଣ ସ୍ଥିତି, ମାଓବାଦୀ ସମସ୍ୟା ଓ ଆଇନଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରଛନ୍ତି। ପୂର୍ବାହ୍ନରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଅଭୟ ବଲାଙ୍ଗୀର ମନୋହାରପୁରସ୍ଥିତ ରିଜର୍ଭ ପୋଲିସ ପଡିଆରେ ପହଞ୍ଚିଥିଲେ। ସେଠାରୁ ରିଜର୍ଭ ପୋଲିସ କାର୍ଯ୍ୟାଳୟକୁ ଯାଇ ଜିଲାରେ କୋଭିଡ ମୁକାବିଲାରେ ପୋଲିସ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଗସ୍ତ ଅବସରରେ ରିଜର୍ଭ ପୋଲିସ କାର୍ଯ୍ୟାଳୟରେ ଆଇନଶୃଙ୍ଖଳା ଓ ଅନୁସନ୍ଧାନ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କେତେକ ପୋଲିସ ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ପୋଲିସ ଡିଜିଙ୍କ ସହ ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ ଡିଆଇଜି ଅନିରୁଦ୍ଧ ସିଂ, ଆଇଜି ପ୍ରବୀଣ କୁମାର, ଉତ୍ତରାଞ୍ଚଳ ଆଇଜି ନରସିଂହ ଭୋଳ, ବଲାଙ୍ଗୀର ଏସପି ଦାୟିତ୍ୱରେ ଥିବା ବରଗଡ ଏସପି ପଦ୍ମିନୀ ସାହୁ ଉପସ୍ଥିତ ଥିଲେ ।

ଏହାପରେ ନୂଆପଡା ଜିଲା ଗସ୍ତରେ ଯାଇ ଖରିଆର ରୋଡ ସୀମାନ୍ତରେ ଥିବା ଚେକପୋଷ୍ଟ ତଦାରଖ କରଥିଲେ। ସେଠାରୁ ନୂଆପଡା ରିଜର୍ଭ ଅଫିସରେ ପହଞ୍ଚି ମାଓବାଦୀ ଗତିବିଧି, କୋଭିଡ୍ ପରିଚାଳନାରେ ପୋଲିସର ଭୂମିକାର ସମୀକ୍ଷା କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ସେ କହିଥିଲେ ଯେ, ପଡୋଶୀ ଛତିଶଗଡ଼ରେ କରୋନାର ଦ୍ୱିତୀୟ ଲହର ନିୟନ୍ତ୍ରଣ ବାହାରେ ରହିଥିବାରୁ ତାହାର ପ୍ରଭାବ ନୂଆପଡା ସମେତ ସୀମାନ୍ତ ୧୦ଟି ଜିଲାରେ ଦେଖିବାକୁ ମିଳୁଛି। ଏହି ଚେନକୁ ଭାଙ୍ଗିବାକୁ ହେଲେ ଆମକୁ ସତର୍କ ରହିବାକୁ ପଡିବ। ସୀମାନ୍ତ ଅଞ୍ଚଳରେ ଅଧିକ ପୋଲିସ ଫୋର୍ସ ମୁତୟନ କରି ସୁରକ୍ଷାକୁ ଆହୁରି କଡାକଡି କରାଯିବ। ଛତିଶଗଡ ଦେଇ ନୂଆପଡା ଆସିବାକୁ ୭ଟି ଗଳାପଥ ରହିଛି। ସେଠାରେ ପୋଲିସ ଚେକପୋଷ୍ଟ କରି ଛତିଶଗଡରୁ ଫେରୁଥିବା ଲୋକଙ୍କୁ ଆରଟିପିସିଆର ନେଗେଟିଭ ରିପୋର୍ଟ ମଗାଯିବ। ନେଗେଟିଭ ରିପୋର୍ଟ ଥିଲେ ଓଡ଼ିଶା ଭିତରକୁ ଛଡାଯିବ ବୋଲି ଡିଜିପି କହିଛନ୍ତି। ଡିଜିପିଙ୍କ ସହିତ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ରାଜେଶ ପଣ୍ଡିତ, ସ୍ୱତନ୍ତ୍ର ଗୋଇନ୍ଦା ବିଭାଗ ଡିଆଇଜି ସିଂ, ଆଇଜି କୁମାର, ନୂଆପଡା ଏସ୍‌ପି ରାହୁଲ ଜୈନ, ଜିଲାପାଳ ସ୍ୱାଧାଦେବ ସିଂ ଉପସ୍ଥିତ ଥିଲେ। ଏହା ପରେ ଡିଜିପି କଳାହାଣ୍ଡି ଗସ୍ତ କରିଥିଲେ। ସେ ଭବାନୀପାଟଣା ରିଜର୍ଭ ପୋଲିସଠାରେ ମାଓବାଦୀ ଏବଂ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଥିଲେ। ମାଓବାଦୀ ଓ ମିଲିଶିଆ ମୁଖ୍ୟସ୍ରୋତରେ ଫେରି ଆସି ଆତ୍ମସର୍ମପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ବୈଠକରେ କଳାହାଣ୍ଡି ଏସ୍‌ପି ଶ୍ରବଣା ବିବେକ ଏମ, ଜିଲାପାଳ ଗାଭାଲି ପରାଗ ହର୍ଷଦ ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଯୋଗଦେଇଥିଲେ।

# ପ୍ରଶାନ୍ତଙ୍କୁ ଭେଟିଲେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଳ



ପ୍ରଶାନ୍ତଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

**ବିନ୍ନିକା,୨୧।୪(ଡି.ଏନ୍.ଏ)**

**ବାମ ହାତରେ ଲଗାଯିବ କୃତ୍ରିମ ହାତ**

ସୁବର୍ଣ୍ଣପୁର ଜିଲା ରାମପୁର ଥାନା ଅନ୍ତର୍ଗତ ମାୟାବର୍ହା ଗ୍ରାମର ନାରାୟଣ ତାଣ୍ଡିଙ୍କ ସାନପୁଅ ପ୍ରଶାନ୍ତ(୧୫)ଙ୍କ ଉପଯୁକ୍ତ ଚିକିତ୍ସାରେ ଅର୍ଥ ସାଜିଛି ବାଧକ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରଥମେ ପ୍ରକାଶ ପାଇବା ପରେ ସାହାଯ୍ୟ ଓ ସହଯୋଗର ସୁଅ ଛୁଟିବାରେ ଲାଗିଛି। ବୁଧବାର ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଏବଂ ସଭାପତି ନିହାଲ ସିଂ ମାୟାବର୍ହା ଗ୍ରାମକୁ ଯାଇ ପ୍ରଶାନ୍ତଙ୍କୁ ଭେଟିଥିଲେ। ଏହି ଅବସରରେ ସେମାନେ ତାଙ୍କ ବାମହାତରେ କିଭଳି କୃତ୍ରିମ ହାତ ଲଗାଯିବ ତାର ବିହିତ ବ୍ୟବସ୍ଥା କରାଯିବ ବୋଲି ପରିବାର ଲୋକଙ୍କୁ ଆଶ୍ୱସନା ଦେଇଥିଲେ। ଏହାଛଡା ଉଭୟେ ଏଥିପାଇଁ ଆର୍ଥିକ ସାହାଯ୍ୟ କରିବା ସହ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତାହିର ହୁସେନଙ୍କୁ ଫୋନ ମାଧ୍ୟମରେ ଜଣାଇଥିଲେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଏ ଦିଗରେ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ପୂର୍ବରୁ କଟକ ନିକଟ ଓଲଟପୁରଠାରେ କୃତ୍ରିମ ହାତ ଲଗାଇବା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକ ଥିଲା। ଯାହା ଦେବା ନାରାୟଣଙ୍କ ପକ୍ଷେ ସମ୍ଭବ ନ ଥିବାରୁ ପୁଅ ପ୍ରଶାନ୍ତ ଭାଗ୍ୟକୁ ଆଦରି ଦିନ କାଟୁଥିଲେ। ଏବେ ମାଗଣାରେ ସମ୍ବଲପୁର ବାଳିବନ୍ଧା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରଠାରେ ଆମ୍ବଗଛରୁ ପଡି ବାମ ହାତ ହରାଇଥିବା ପ୍ରଶାନ୍ତଙ୍କ କୃତ୍ରିମ ହାତ ଲାଗିବ ବୋଲି ପଦ୍ମଶୀ ହରିପାଲ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ନିହାଲ ସିଂ କହିଛନ୍ତି ଯେ, ବାଳିବନ୍ଧା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରଠାରେ କୃତ୍ରିମ ହାତଗୋଡ ଲଗାଇବାର ବ୍ୟବସ୍ଥା ରହିଛି। ଏହି ଗସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ସନ୍ତୋଷ କୁମାର ବନଛୋର, ରାମଗୋପାଳ ବାଘ ଓ ରସିକ ସୁନା ସାମିଲ ଥିଲେ ।

# ସାହିତ୍ୟ ପତ୍ରିକା ଚତୁରଙ୍ଗ ଲୋକାର୍ପିତ

**ବଲାଙ୍ଗୀର ଅଫିସ, ୨୧।୪**



ସାହିତ୍ୟ ପତ୍ରିକା ଚତୁରଙ୍ଗଙ୍କୁ ଜିଲାପାଳ ଓ ଅନ୍ୟ ଅତିଥିମାନେ ଲୋକାର୍ପିତ କରୁଛନ୍ତି ।

- ହଜିଲା ଗୌରବ, ଆଗାମୀ ଆହ୍ୱାନର ବାର୍ତ୍ତାବହ
- ପ୍ରାୟ ୭୦ ବର୍ଷ ପରେ ପୁନଃ ପ୍ରକାଶ ପାଇଲା ଚତୁରଙ୍ଗ

ଓଡିଶା ଓ କୋଶଳାଞ୍ଚଳର ଭାଷା, ସାହିତ୍ୟ, କଳା, ସଙ୍ଗୀତ, ସାଂସ୍କୃତିକ ସମନ୍ୱୟ ଓ ସଂପ୍ରୀତିର ବାର୍ତ୍ତାବହ ସାହିତ୍ୟ ପତ୍ରିକା ଚତୁରଙ୍ଗ ପ୍ରାୟ ୭୦ ବର୍ଷ ପରେ ପୁଣି ଥରେ ଲୋକାର୍ପିତ ହୋଇଛି। ବୁଧବାର କୋଶଳ କଳାମଣ୍ଡଳ ପଡିଆସ୍ଥିତ ଜିଲା ଲାଇବ୍ରେରୀ ହଲରେ ଅନୁଷ୍ଠିତ ସମାରୋହରେ ତ୍ରୈମାସିକ ସାହିତ୍ୟ ପତ୍ରିକା ଚତୁରଙ୍ଗର ନବପ୍ରକାଶ ପ୍ରଥମ ସଂଖ୍ୟାକୁ ମୁଖ୍ୟଅତିଥି ଜିଲାପାଳ ଚଞ୍ଚଳ ରାଣା ଲୋକାର୍ପିତ କରିଥିଲେ । ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ଜିଲା ସଂସ୍କୃତି ଅଧିକାରୀ ତଥା ଚତୁରଙ୍ଗ ପରିଚାଳନା ସମ୍ପାଦକ ବିଜୟ ଶତପଥୀ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଶିକ୍ଷାବିତ୍ ସନାତନ ଠାକୁର ମଞ୍ଚାସୀନ ଥିଲେ । ଜିଲାପାଳ ରାଣା ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ପୂର୍ବ ବଲାଙ୍ଗୀରର ଅତୀତ ଗୌରବ କଥା ସ୍ମରଣ କରି ଚତୁରଙ୍ଗ ଦ୍ୱାରା ବଲାଙ୍ଗୀରର କଳା, ସଂସ୍କୃତି ଓ ସଙ୍ଗୀତର କିଭଳି ପରିପ୍ରକାଶ ଘଟିଥିଲା କହିଥିଲେ। ଚତୁରଙ୍ଗର ପ୍ରକାଶନ ଓ କୋଶଳ କଳାମଣ୍ଡଳର ଉନ୍ନତି ଦିଗରେ ଆଗକୁ ଆହୁରି ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ନାଟ୍ୟଭୂଷଣ ଛୁରିଆ, ଶିକ୍ଷାବିତ୍ ଠାକୁର, କବି ଭାଗିରଥି ମିଶ୍ର, ପ୍ରଫେସର ଡ. ଶିବପ୍ରସାଦ ନନ୍ଦ ଓ ପ୍ରଫେସର ରବିଶଙ୍କର ପାଣ୍ଡିଆ ଚତୁରଙ୍ଗର ଐତିହାସିକ ସଫଳତା, ଗୌରବ ଓ ଆଗାମୀ ଆହ୍ୱାନ ଉପରେ ବକ୍ତବ୍ୟ ରଖିଥିଲେ । କବି ସନ୍ଦୀପ କୁମାର କୁଅଁର ସଭା ସଂଯୋଜନା କରିଥିଲେ। ଶେଷରେ ବୀରେନ୍ଦ୍ର କୁମାର ଝାଙ୍କର ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ କଳାକାର ସତ୍ୟନାରାୟଣ ବେହେରା, ସାହିତ୍ୟିକ ଦୟାନିଧି ଆଚାର୍ଯ୍ୟ, ଗୁରୁଶ୍ରୀ ଘାସିରାମ ମିଶ୍ର, ନାଗରିକ କମିଟି ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ବିଜୟ କୁମାର ତ୍ରିପାଠୀ, ଡିଇଓ ଧ୍ରୁବଚରଣ ବେହେରା, ପିଆର ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷିନୀ ସେଠୀ, ଜ୍ୟୋତି ସାହୁ, ସବିତା ମେହେରା, ଆନନ୍ଦଚନ୍ଦ୍ର ସାହୁ, ନିଗମ ନାଥ, ଗୋପାଳ ପ୍ରଧାନ, ବିଘ୍ନୁକଲ୍ୟାଣ ଗଡତ୍ୟା ଉପସ୍ଥିତ ଥିଲେ। ୧୯୪୬ ମସିହାରେ ତତ୍କାଳୀନ ପାଟଣା ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ପୃଷ୍ଠପୋଷକତାକ୍ରମେ କୋଶଳ କଳାମଣ୍ଡଳ ଗଠନ କରାଯାଇ ଏହାର ମୁଖପତ୍ର ଚତୁରଙ୍ଗ ପ୍ରକାଶ ପାଇଥିଲା। ତେବେ ବିଭିନ୍ନ କାରଣରୁ ୧୯୫୧ ମସିହା ପରେ ଏହି ପତ୍ରିକା ପ୍ରକାଶନ ବନ୍ଦ ହୋଇଯାଇଥିଲା ।

### ବିଭିନ୍ନ ସଂଗଠନ ତରଫରୁ ଶ୍ରଦ୍ଧାଞ୍ଜଳି ସଭା

**ଖପ୍ରାଖୋଲ, ୨୧।୪(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ପାପନାଶିନୀ ଝରଣା କୂଳରେ ବିଭିନ୍ନ ସଂଗଠନ ତରଫରୁ ପାଟଣାଗଡ ପୂର୍ବତନ ବିଧାୟକ ବିବେକାନନ୍ଦ ମେହେର, ଶ୍ରମିକ ନେତା କିଶୋର କୁମାର ପରିଛା, ଆଦିବାସୀ ନେତା ବ୍ରଜକିଶୋର ସିଂ ଭୋଇ, ଖବରଦାତା ଯତିଶ ଖମାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ସୁଶିଲ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦିବଂଗତ ବ୍ୟକ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଗନ୍ଧମାର୍ଦ୍ଦନ ସୁରକ୍ଷା ଆନ୍ଦୋଳନରେ ଦିବଂଗତ ବ୍ୟକ୍ତିଙ୍କ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ । ଏହି ଅବସରରେ ସଚେତନ ଯୁବାମଞ୍ଚ ଆବାହକ ଅଭୟ ତ୍ରିପାଠୀ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଯୁଗ୍ମ ଆବାହକ ଗୁପ୍ତେଶ୍ୱର କୁଅଁର, ଆଦିବାସୀ କଲ୍ୟାଣ ସଂଘ ସଭାପତି ବିପ୍ର ବିଶି, ଜିନ୍ଦାବାଦ ସଂଗଠନ ଆବାହକ ତ୍ରିଲୋଚନ ପୁଂଜି, ପ୍ରେସ କ୍ଲବ ସଦସ୍ୟ ତାପସ ବେହେରା, ଆଦିବାସୀ ନେତା ଟିକେଶ୍ୱର ଧରୁଆ, ମନବୋଧ ବରିହା, ଶିକ୍ଷକ ନେତା ଧରମ ସିଂ ଧରୁଆ, ବିମଳ ସାହୁ, ଉମାକାନ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଖପ୍ରାଖୋଲ ରେଞ୍ଜ କାର୍ଯ୍ୟାଳୟ ପରିସରରେ କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ କିଶୋର କୁମାର ପରିଛାଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘ ସଭାପତି ରାଜରାମ ଦଣ୍ଡସେନା, ସମ୍ପାଦକ ରାଜକୁମାର ବେହେରା, ଧ୍ରୁବ ଚାନ୍ଦ ପ୍ରମୁଖ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଫିକା ପଡ଼ିଲା ବୌଦ୍ଧର ରାମଲୀଳା



ପୂଜା ବିଧି ପାଇଁ ମହାନଦୀରୁ କଳସରେ ପାଣି ଅଣାଯାଉଛି ।

**ବୌଦ୍ଧ,୨୧।୪(ସ୍ୱ.ପ୍ର.)**

ଚଳିତବର୍ଷ କରୋନା ସଂକ୍ରମଣ ବୃଦ୍ଧି ପାଇବା ଯୋଗୁ ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ଏଥର ପୁଣି ଫିକା ପଡିଛି। ରାମନବମୀ ଠାରୁ ଦୀର୍ଘ ୧୮ ଦିନ ଧରି ବୌଦ୍ଧ ସହରର ସର୍ବପୁରାତନ ରାମମନ୍ଦିର ପ୍ରାଙ୍ଗଣରେ ଧୂମଧାମ୍‌ରେ ପାଳିତ ହୋଇ ଆସୁଥିବା ରାମଲୀଳା ଯାତ୍ରାରେ ଠାକୁରଙ୍କୁ କେବଳ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ଦେଖିବାକୁ ମିଳିଛି ।

ଗଡଜାତ ଅମଳରୁ ବୌଦ୍ଧ ସହରରେ ପାଳିତ ହୋଇଆସୁଛି ରାମଲୀଳା ଯାତ୍ରା । ଗଣପର୍ବ ଭାବେ ପରିଚିତ ଏହି ଯାତ୍ରା କରୋନାର ଦିତୀୟ ଲହରି ଯୋଗୁ ନାମକୁ ମାତ୍ର ପାଳନ କରାଯାଉଛି । ଗତ ଜାନୁୟାରୀ ମାସରେ କରୋନା ସ୍ଥିତି ଦେଖି ସରକାର ଯାତ୍ରାକୁ ଅନୁମତି ଦେଇଥିଲେ । ଫଳରେ ରାମଲୀଳା ଯାତ୍ରା କମିଟି ପକ୍ଷରୁ ଏବର୍ଷ ଯାତ୍ରା ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ବର୍ତ୍ତମାନ ସଂକ୍ରମଣ ଦ୍ରୁତ ଗତିରେ ବଢି ଚାଲିଥିବା ଓ ସରକାର କଟକଣା ଜାରି କରିଥିବା ଯୋଗୁ ଯାତ୍ରା କମିଟି ପକ୍ଷରୁ ନିରାଡମ୍ବର ଭାବରେ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୁଧବାର ରାମନବମୀ ଅବସରରେ ଯାତ୍ରା କମିଟିର କେବଳ କର୍ମକର୍ତ୍ତାମାନେ ପ୍ରତ୍ୟୁଷରୁ ମହାନଦୀ ଜଳ ଆଣି କଳସ ସ୍ଥାପନ , ଅଖଣ୍ଡ ଦୀପ ସ୍ଥାପନ, ସଂକଳ୍ପ, ମନ୍ଦିରରେ ଧ୍ୱଜା ବନ୍ଧନ ଆଦି ପାରମ୍ପରିକ ରୀତିନୀତି କରିଥିଲେ । ସମସ୍ତ ଯାତ୍ରା କମିଟିର ସଦସ୍ୟ ପୂର୍ବାହ୍ନରେ ବ୍ରତ ଧାରଣ କରିଥିଲେ। ଦୀର୍ଘ ୯ ଦିନ ଧରି ମନ୍ଦିରରେ ଠାକୁରଙ୍କ ଲୀଳା ଓ ପାରାୟଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୁଧବାର ସକାଳେ ଅଳ୍ପ କେତେଜଣ ଶ୍ରଦ୍ଧାଳୁ ମନ୍ଦିର ଯାଇ ପ୍ରଭୁଙ୍କୁ ଦର୍ଶନ କରିଥିବା ଦେଖିବାକୁ ମିଳିଥିଲା ।

# ମୋବାଇଲ ଟାୱାରରୁ ଯୁବକଙ୍କୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

**କୋକସରା,୨୧।୪(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ ବିରିମୁହାଁଣ ଗ୍ରାମର ଯୁବକ ପରମେଶ୍ୱର ମାଝି ବୁଧବାର ସକାଳେ କୌଣସି କଥାକୁ ନେଇ ସ୍ତ୍ରୀସହ ଝଗଡା କରିବା ପରେ ସ୍ତ୍ରୀକୁ ଡରେଇବାକୁ ଯାଇ ଘର ନିକଟରେ ଥିବା ମୋବାଇଲ ଟାୱାରକୁ ଚଢି ଯାଇଥିଲା। ହେଲେ କିଛି ସମୟ ପରେ ପରମେଶ୍ୱର ଓହ୍ଲେଇବାକୁ ଚେଷ୍ଟା କରି ବିଫଳ ହେଇଥିଲା। ସ୍ଥାନୀୟ ଲୋକେ ଆମପାଣି ପୋଲିସକୁ ଖବର ଦେଇଥିଲେ। ଆମପାଣି ଥାନା ଏଏସ୍‌ଆଇ ରାମ ଶଙ୍କର ବାଗ ଘଟଣାସ୍ଥଳରେ ପହଞ୍ଚି କୋକସରା ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ବହୁ କଷ୍ଟରେ ଯୁବକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମ ଅଧିକାରୀ କୈଳାସ ପ୍ରଧାନ, ମୁଖ୍ୟ ଅଗ୍ନିକ ଅନନ୍ତ ପଟେଲ, ଅଗ୍ନିକ ଯଦୁମଣୀ ବେହେରା, ରାଜ କିଶୋର ପ୍ରଧାନ, ଶ୍ୟାମଲାଲ ଗଣ୍ଡ, ଗାଡି ଚାଳକ ଜନ୍ମେଜୟ ରାଉତ ପ୍ରମୁଖ ସାମିଲ ହୋଇଥିଲେ ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଶେଷକୃତ୍ୟ ସମ୍ପନ୍ନ



ଶହୀଦଙ୍କୁ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ।

**ବରଗଡ଼ ଅଫିସ/ଭଟଲି, ୨୧।୪(ଡି.ଏନ.ଏ.)**

ଜମ୍ମୁ-କଶ୍ମୀରର ରଜୌରି ସେକ୍ଟରରେ ଆର୍ମି(ଏୟାର ଡିଫେନ୍ସ)ରେ ଜିଡି କମାଣ୍ଡାଣ୍ଟ ଭାବେ କାର୍ଯ୍ୟରତ ଥିବାବେଳେ ଶହୀଦ ହୋଇଥିବା ଭଟଲି ଥାନା ନୂଆଁଗଡ଼ ଗ୍ରାମର ଟୁପେଶ୍ୱର ଭୁଏ(୩୦)ଙ୍କୁ ମଙ୍ଗଳବାର ତାଙ୍କ ନିଜ ଗ୍ରାମରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସଡିପିଓ ଦୀପକ କୁମାର ଗୋଚ୍ଛାୟତ, ବିଡିଓ ଧୀରେନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର, ଥାନା ଅଧିକାରୀ ରଞ୍ଜିତ ନାଏକ, ଜିଲା ପରିଷଦ ସଭ୍ୟ ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗତ ୧୦ତାରିଖରେ କାର୍ଯ୍ୟରତ ଥିବାବେଳେ ବୋମା ବିସ୍ଫୋରଣରେ ଟୁପେଶ୍ୱର ଗୁରୁତର ହୋଇଥିଲେ। ଗତ ୧୯ତାରିଖ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀରକୁ ଭୁବନେଶ୍ୱର ବିମାନବନ୍ଦରରୁ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ନିଜ ଗାଁକୁ ଅଣାଯାଇଥିଲା। ପାର୍ଥିବ ଶରୀର ପହଞ୍ଚିବା ପରେ କାନ୍ଦବୋବାଳିରେ ଗାଁ ଫାଟି ପଡିଥିଲା। ପରେ ଗାଁ ମୁଣ୍ଡରେ ରହିଥିବା ଏକ ପଡ଼ିଆରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମଙ୍ଗଳବାର ଭୁବନେଶ୍ୱର ବିମାନ ବନ୍ଦରରେ ମନ୍ତ୍ରୀ ସୁଶାନ୍ତ ସିଂ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ନାମରେ ସୀମିତ କୋଭିଡ୍ ହସ୍ପିଟାଲ

**ବରଗଡ଼ ଅଫିସ,୨୧।୪**




ବରଗଡ଼ର କୋଭିଡ୍ ହସ୍ପିଟାଲ।

- କାର୍ଯ୍ୟକ୍ଷମ ହୋଇନି ଆଇସିୟୁ
- ଶଯ୍ୟାଭାବରୁ ଆକ୍ରାନ୍ତ ହଟହଟା
- ଘରୋଇ ହସ୍ପିଟାଲକୁ ଫାଇଦା

ବରଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି। ଗତ ବର୍ଷକ ମଧ୍ୟରେ ଜିଲାର ସବୁଦିନର ରେକର୍ଡ଼ ଭାଙ୍ଗି ବୁଧବାର ଦୈନିକ ସଂକ୍ରମଣ ୩୧୮ରେ ପହଞ୍ଚିଛି। ଏହାପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୨ହଜାର ୯୬୮ରେ ପହଞ୍ଚିଛି। ସେହିପରି ୪୩ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଏବେ ଜିଲାରେ ୧୫୦୦ ଆକ୍ରାନ୍ତ ସକ୍ରିୟ ରହିଛନ୍ତି। ଏପରିସ୍ଥଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା କୋଭିଡ୍ ହସ୍ପିଟାଲରେ ଏପର୍ଯ୍ୟନ୍ତ ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଫଳରେ ଜିଲାରେ କୋଭିଡ୍ ମୁକାବିଲା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ହୋଇ ପଡ଼ିଛି।

କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆସିବା ପରେ ଗତ ୧୪ତାରିଖରୁ ବରଗଡ଼ରେ କୋଭିଡ୍ ହସ୍ପିଟାଲକୁ ପୁନଃ ଖୋଲାଯାଇଥିଲା। ଶହେ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲରେ ୯୨ ସାଧାରଣ ଏବଂ ଅନ୍ୟ ୮ଟି ଆଇସିୟୁ ଶଯ୍ୟା ରହିଛି। ତେବେ ଡାକ୍ତର ଅଭାବ ଯୋଗୁ ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରି ନଥିବାବେଳେ ବର୍ତ୍ତମାନ ସ୍ଥିତିରେ ଆକ୍ରାନ୍ତଙ୍କ ପାଇଁ ସାଧାରଣ ଶଯ୍ୟା ମଧ୍ୟ ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ଜିଲାରେ ବୁଧବାର ସୁଦ୍ଧା ୧୫୦୦ ଆକ୍ରାନ୍ତ ସକ୍ରିୟ ଥିବାବେଳେ ଉକ୍ତ କୋଭିଡ୍ ହସ୍ପିଟାଲର ସମସ୍ତ ସାଧାରଣ ଶଯ୍ୟାରେ ରୋଗୀ ରହିଥିବା ସୂଚନା ମିଳିଛି। ଏଭଳି ସ୍ଥିତିରେ ନୂଆ ଆକ୍ରାନ୍ତ ଏଠାକୁ ଆସିଲେ ତାଙ୍କୁ ଶଯ୍ୟା ମିଳୁ ନାହିଁ ଏବଂ ଅନ୍ୟ ଘରୋଇ କୋଭିଡ୍ ହସ୍ପିଟାଲକୁ ଯିବାକୁ ପଡୁଛି । ସେହିପରି ଏଭଳି କ୍ଷେତ୍ରରେ ବୁର୍ଲାକୁ ସ୍ଥାନାନ୍ତର କରାଯାଉଛି। ଗତ କିଛିଦିନ ତଳେ ବରଗଡ଼ ଶକ୍ତିନଗରର ଜଣେ ଆକ୍ରାନ୍ତଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବୁର୍ଲାରେ ମଧ୍ୟ ସେତେବେଳେ ଶଯ୍ୟାଭାବ ରହିଥିଲା। ଫଳରେ ପରିବାର ଲୋକେ ଆକ୍ରାନ୍ତଙ୍କୁ ଘରକୁ ଫେରାଇ ଆଣିଥିଲେ ଏବଂ ସେହି ରାତ୍ରିରେ ହିଁ ଘରେ ତାଙ୍କର ମୃତ୍ୟୁ ଅଭିଯୋଗ ଚର୍ଚ୍ଚାର ବିଷୟ ହୋଇଥିଲା। ଏ ନେଇ ସ୍ଥାନୀୟ ସାମାଜିକ କର୍ମୀ ବିକାଶ ଅଗ୍ରୱାଲ କହିଛନ୍ତି, ଜିଲ ମୁଖ୍ୟ ଚିକିତ୍ସାଳୟରେ ରହିଥିବା କୋଭିଡ୍ ହସ୍ପିଟାଲରେ ଶଯ୍ୟାଭାବ ଏବଂ ଆଇସିୟୁ କାର୍ଯ୍ୟକ୍ଷମ ନଥିବା ଯୋଗୁ କେତେକ ଘରୋଇ ହସ୍ପିଟାଲ ଏହାର ଫାଇଦା ଉଠାଉଛନ୍ତି। ଜୀବନ ରକ୍ଷା ପାଇଁ ଆକ୍ରାନ୍ତଙ୍କୁ ପରିବାର ଲୋକେ ଘରୋଇ ହସ୍ପିଟାଲରେ ଭର୍ତ୍ତି କରୁଛନ୍ତି। ମାତ୍ର ସେଠାକାର ଚିକିତ୍ସା ଖର୍ଚ୍ଚରେ ସମ୍ପୃକ୍ତ ପରିବାର ଲୋକଙ୍କ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ଭାଙ୍ଗି ପଡୁଥିବାବେଳେ ଆକ୍ରାନ୍ତଙ୍କ ଜୀବନ ରକ୍ଷା ମଧ୍ୟ ଭଗବାନ ଭରସାରେ ରହିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ରଙ୍କୁ ପଚାରିବାରୁ କାଁ ଭାଁ କେତେବେଳେ ଶଯ୍ୟାଭାବ ରହୁଛି। ଅକ୍ସିଜେନର ଅଭାବ ନାହିଁ। ଆନେସ୍ଥେସିଆ ଡାକ୍ତର ନ ଥିବା ଯୋଗୁ ଆଇସିୟୁ କାର୍ଯ୍ୟକ୍ଷମ ହୋଇପାରୁ ନଥିବା କହିଥିଲେ। ସମ୍ପୃକ୍ତ ଡାକ୍ତରଙ୍କ ଯୋଗଦାନ ପରେ ଅତିଶୀଘ୍ର ଆଇସିୟୁ କାର୍ଯ୍ୟକ୍ଷମ ହେବ ଏବଂ ନିକଟସ୍ଥ ପଲିଟେକନିକ୍ କଲେଜରେ କୋଭିଡ୍ ପରୀକ୍ଷା କେନ୍ଦ୍ର ଖୋଲିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ ।